# NATIONAL NEWS BULLETIN (ODIA)

**13 September - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସର୍ବୋଚ୍ଚ ନ୍ୟାୟାଳୟ ଆଜି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ଆଦମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜରିୱାଲଙ୍କୁ ଜାମିନ ପ୍ରଦାନ କରିଛନ୍ତି ।

- କେନ୍ଦ୍ର ଭାରିଶିଳ୍ପ ଏବଂ  ଇସ୍ପାତ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ କହିଛନ୍ତି କ୍ୟାବିନେଟ୍‌ରେ ଗୃହୀତ ଇ-ବସ୍ ସେବା ପେମେଣ୍ଟ ସିକ୍ୟୁରିଟି ମେକାନିଜିମ୍ ଯୋଜନାରେ ୩୮ ହଜାରରୁ ଅଧିକ ଇଲେକ୍ଟ୍ରିକ୍ ବସ୍ ଚଳାଚଳ କରିବ ।

- ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ ଫୋର୍ ପଏଣ୍ଟ ଜିରୋର ଅଗ୍ରଗତି ଉପରେ ନଜର ରଖିବା ପାଇଁ କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଆଜି ଏକ ଉତ୍ସର୍ଗୀକୃତ ଅନଲାଇନ୍ ପୋର୍ଟାଲର ଶୁଭାରମ୍ଭ କରିବେ ।

ଏବଂ

- ଓଡ଼ିଶାର ବିକାଶ ଦିଗରେ ରାଜ୍ୟ ସରକାର ଯେଭଳି ଦ୍ରୁତଗତିରେ କାର୍ଯ୍ୟ କରୁଛନ୍ତି, ସେଥିରେ କେନ୍ଦ୍ର ସରକାର ସବୁ ସମୟରେ ସହଯୋଗ କରିବେ, କହିଲେ କେନ୍ଦ୍ରମନ୍ତ୍ରୀ

# କେଜରିୱାଲ-ବେଲ୍

ସର୍ବୋଚ୍ଚ ନ୍ୟାୟାଳୟ ଆଜି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍‌ଆଦମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜରିୱାଲଙ୍କୁ ଜାମିନ ପ୍ରଦାନ କରିଛନ୍ତି । ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ଗତ ଜୁନ୍ ମାସ ୨୬ ତାରିଖରେ ସି.ବି.ଆଇ. ଦ୍ୱାରା ଗିରଫ ହୋଇଥିବା ଶ୍ରୀ କେଜରିୱାଲଙ୍କୁ ଜାମିନ ପ୍ରଦାନ କରାଯାଇଛି । ୧୦ଲକ୍ଷ ଟଙ୍କାର ବ୍ୟକ୍ତିଗତ ବେଲ୍ ବଣ୍ଡ୍ ଜମାକରିବା ପରେ ତାଙ୍କୁ ଜାମିନ ପ୍ରଦାନ କରାଯାଇଛି । ତେବେ ସୁପ୍ରିମକୋର୍ଟ ସର୍ତ୍ତମୂଳକ ଭାବେ ଏହି ଜାମିନ ପ୍ରଦାନ କରିଛନ୍ତି । ଶ୍ରୀ କେଜରିୱାଲ ସାଧାରଣରେ ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା ସଂପର୍କିତ କୌଣସି ମନ୍ତବ୍ୟ ଦେଇପାରିବେ ନାହିଁ । ଏହାଛଡ଼ା ଶୁଣାଣି ସମୟରେ ତାଙ୍କୁ ଟ୍ରାଏଲ୍ କୋର୍ଟରେ ଉପସ୍ଥିତ ରହିବାକୁ ପଡ଼ିବ ।

ଗତ ୧୧ ତାରିଖରେ ଦିଲ୍ଲୀର ଏକ ଅଦାଲତ ଶ୍ରୀ କେଜରିୱାଲଙ୍କ ନ୍ୟାୟିକ ହେପାଜତ ଚଳିତ ମାସ ୨୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କେଜରିୱାଲଙ୍କୁ ଏହି ମାମଲାରେ ଚଳିତବର୍ଷ ମାର୍ଚ୍ଚ ୨୧ ତାରିଖରେ ଗିରଫ କରିଥିଲା ।

# ବିଜେପି-କେଜରିୱାଲ

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ପ୍ରଦାନ କରିଥିବା ସର୍ତ୍ତମୂଳକ ଜାମିନ ତାଙ୍କ ବାସ୍ତବତା ପ୍ରକାଶ କରୁଛି ବୋଲି ବିଜେପି କହିଛି । ଆଜି

ନୂଆଦିଲ୍ଲୀରେ ସମ୍ବାଦଦାତାମାନଙ୍କ ସହ ଆଲୋଚନାକାଳରେ ଦଳୀୟ ମୁଖପାତ୍ର ଗୌରବ ଭାଟିଆ କହିଛନ୍ତି ଶ୍ରୀ କେଜରିୱାଲ ନିଜ ଗିରଫଦାରୀକୁ ଅବୈଧ ଦର୍ଶାଇବା ପାଇଁ ସୁପ୍ରିମକୋର୍ଟଙ୍କ ନିକଟରେ ଆବେଦନ କରିଥିଲେ ମଧ୍ୟ ନ୍ୟାୟାଳୟ ଏହାକୁ ଖାରଜ କରିଦେଇଛନ୍ତି । ସେ କହିଛନ୍ତି ଶ୍ରୀ କେଜରିୱାଲଙ୍କୁ କୌଣସି ନ୍ୟାୟାଳୟରୁ ଆଶ୍ୱସ୍ତି ମିଳିନାହିଁ ଏବଂ ତାଙ୍କ ଉପରେ ଯେଉଁ ଅଭିଯୋଗ ଅଣାଯାଇଛି, ତାହା ମଧ୍ୟ ରଦ୍ଦ ହୋଇନାହିଁ ।

ଅନ୍ୟପକ୍ଷରେ ସେ କାହିଁକି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଉନାହାନ୍ତି ବୋଲି ଆମ୍ ଆଦମୀ ପାର୍ଟି ଉତ୍ତର ଦେବା ଲାଗି ଶ୍ରୀ ଭାଟିଆ କହିଛନ୍ତି । ବିଜେପି ମୁଖପାତ୍ର ଆହୁରି ମଧ୍ୟ କହିଛନ୍ତି, କେଜରିୱାଲ ସବୁବେଳେ କୁହନ୍ତି ଯେ କୌଣସି ନେତାଙ୍କ ଉପରେ ଅଭିଯୋଗ ଆସିଲେ, ସେ ନିଜ ପଦବୀରୁ ଇସ୍ତଫା ଦେବା ଉଚିତ । କିନ୍ତୁ ସେ କାହିଁକି ନିଜେ ଇସ୍ତଫା ଦେଉନାହାନ୍ତି ।

ଆମ୍ ଆଦମୀ ପାର୍ଟି କହିଛି, ମୁଖ୍ୟମନ୍ତ୍ରୀ କେଜରିୱାଲଙ୍କୁ ଜାମିନ ମିଳିବା ପ୍ରମାଣ କରୁଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମାମଲାରେ ଜାମିନ ରୋକିବା ଲାଗି ସି.ବି.ଆଇ. ତାଙ୍କୁ ଗିରଫ କରିଥିଲା । ଦଳୀୟ ନେତା ମନୀଷ ସିଷୋଦିଆ କହିଛନ୍ତି ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି କେବଳ ଶ୍ରୀ କେଜରିୱାଲଙ୍କ ସପକ୍ଷରେ ଯାଇନାହିଁ, ବରଂ ଏହା ଦେଶର ଲୋକମାନଙ୍କ ପାଇଁ ସମ୍ବିଧାନ ସୁରକ୍ଷା ପ୍ରଦତ୍ତ କରିବା ବିଷୟ ପ୍ରମାଣ କରିଛି ।

## ଇ-ବସ୍ ସ୍କିମ୍

କେନ୍ଦ୍ର ଭାରିଶିଳ୍ପ ଏବଂ  ଇସ୍ପାତ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ କହିଛନ୍ତି କ୍ୟାବିନେଟ୍‌ରେ ଗୃହୀତ ଇ-ବସ୍ ସେବା ପେମେଣ୍ଟ ସିକ୍ୟୁରିଟି ମେକାନିଜିମ୍ ଯୋଜନାରେ ୩୮ ହଜାରରୁ ଅଧିକ ଇଲେକ୍ଟ୍ରିକ୍ ବସ୍ ଚଳାଚଳ କରିବ । ଚଳିତ ଆର୍ଥିକ ବର୍ଷରୁ ୨୦୨୮-୨୯ ଆର୍ଥିକବର୍ଷ ମଧ୍ୟରେ ଏହି ବସ୍ ଗୁଡ଼ିକ ଚଳାଚଳ କରିବ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଅନୁମୋଦିତ ଏହି ଯୋଜନାରେ ୩ ହଜାର ୪୩୫ କୋଟି ୩୩ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି । ପବ୍ଲିକ୍ ଟ୍ରାନ୍ସପୋର୍ଟ ଅଥରିଟିଜ୍—ପିଟିଏ ଏହି ଯୋଜନାର ସଫଳ ରୂପାୟନ ନିମନ୍ତେ ରୂପରେଖ ପ୍ରସ୍ତୁତ କରିବ ।

ଶ୍ରୀ କୁମାରସ୍ୱାମୀ କହିଛନ୍ତି ଏହି ଯୋଜନାରେ ଇ-ବସ୍ ଗୁଡ଼ିକ ଆରମ୍ଭ ହେବା ଦିନଠାରୁ ୧୨ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବ । ସେ ଆହୁରି ମଧ୍ୟ କହିଛନ୍ତି ପିଟିଏ ଦ୍ୱାରା ପରିଚାଳିତ ବସ୍‌ଗୁଡ଼ିକ ଡିଜେଲ୍ ଏବଂ ସିଏନ୍‌ଜି ଦ୍ୱାରା ଚାଲୁଥିବାରୁ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି । ସେ କ୍ଷେତ୍ରରେ ଇ-ବସ୍ ପରିବେଶ ଅନୁକୂଳ ହେବ ଏବଂ ଏହାର ପରିଚାଳନା ଖର୍ଚ୍ଚ ତୁଳନାତ୍ମକ ଭାବେ କମ୍ ରହିବ ।

# ପିଏମ୍‌ଜେଏୱାଇ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ ସମସ୍ତ ଯୋଗ୍ୟ ବରିଷ୍ଠ ନାଗରିକଙ୍କୁ ଏକ ନୂତନ, ସ୍ୱତନ୍ତ୍ର କାର୍ଡ ପ୍ରଦାନ କରାଯିବ । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ମୁତାବକ,

ଆଧାର କାର୍ଡ ଅନୁଯାୟୀ ୭୦ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସର ଯେ କୌଣସି ବ୍ୟକ୍ତି ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ଲାଗି ଆବେଦନ କରିପାରିବେ। ସପ୍ତାହକ ମଧ୍ୟରେ ଏହି ଯୋଜନା ପରିଚାଳନାକ୍ଷମ ହେବ ବୋଲି ଆଶା କରାଯାଉଛି। ଏଥିପାଇଁ ଯୋଗ୍ୟ ବ୍ୟକ୍ତିମାନଙ୍କୁ ପୋର୍ଟାଲରେ ପଞ୍ଜୀକରଣ କରିବା ଆବଶ୍ୟକ । ପୋର୍ଟାଲରେ ଫେସ୍ ଅଥେଣ୍ଟିକେସନ୍ ପ୍ରଦାନ କରାଯିବ ଏବଂ ୭୦ ବର୍ଷରୁ ଅଧିକ ବୟସ୍କ ବରିଷ୍ଠ ନାଗରିକଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ଲିଙ୍କ୍ ରହିବ। ଘରୋଇ ବୀମା ଏବଂ କର୍ମଚାରୀ ରାଜ୍ୟ ବୀମା ନିଗମ ହିତାଧିକାରୀମାନେ ମଧ୍ୟ ଏହି ଯୋଜନା ପାଇଁ ଆବେଦନ କରିପାରିବେ । କେନ୍ଦ୍ର କ୍ୟାବିନେଟ୍ ଗତ ବୁଧବାର ଦିନ ୩ ହଜାର ୪୩୭ କୋଟି ଟଙ୍କା ବ୍ୟୟଅଟକଳରେ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅଧୀନରେ ଆୟ ନିର୍ବିଶେଷରେ ୭୦ ବର୍ଷରୁ ଅଧିକ ବୟସ୍କ ସମସ୍ତ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ବୀମାକୁ ଅନୁମୋଦନ କରିଛି। ଏହି ଅଭିଯାନରେ ଦେଶର ପ୍ରାୟ ସାଢ଼େ ୪ କୋଟି ପରିବାର ୬ କୋଟି ବରିଷ୍ଠ ନାଗରିକ ସାମିଲ ହେବେ।

## ଜିତେନ୍ଦ୍ର ସିଂହ

ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ ଫୋର୍ ପଏଣ୍ଟ ଜିରୋର ଅଗ୍ରଗତି ଉପରେ ନଜର ରଖିବା ପାଇଁ କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଆଜି ଏକ ଉତ୍ସର୍ଗୀକୃତ ଅନଲାଇନ୍ ପୋର୍ଟାଲର ଶୁଭାରମ୍ଭ କରିବେ । ଏହି ସ୍ୱତନ୍ତ୍ର ଅଭିଯାନର ଉଦ୍ଦେଶ୍ୟ ହେଉଛି କେନ୍ଦ୍ର ସରକାରଙ୍କ ସମସ୍ତ କାର୍ଯ୍ୟାଳୟରେ ସ୍ୱଚ୍ଛତାକୁ ଏକ ନିରୀକ୍ଷଣ କରିବା । ସ୍ୱଚ୍ଛତାକୁ ଅନୁଷ୍ଠାନିକ ରୂପ ଦେବା ପାଇଁ ସରକାର ପ୍ରତିବର୍ଷ ଅକ୍ଟୋବର ୨ରୁ ୩୧ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅଭିଯାନ ପାଳନ

କରିବାକୁ ନିଷ୍ପତ୍ତି ନେଇଛନ୍ତି। ସ୍ୱତନ୍ତ୍ର ଅଭିଯାନ ଫୋର୍ ପଏଣ୍ଟ ଜିରୋ ପୂର୍ବରୁ ସେପ୍ଟେମ୍ବର ୧୬ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ପ୍ରସ୍ତୁତି ପର୍ଯ୍ୟାୟ ଅନୁଷ୍ଠିତ ହେବ।

## ମନସୁନ୍ ମିଟ୍-ଭୁବନେଶ୍ୱର

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆଜି ପ୍ରାଣୀ ସମ୍ପଦ ଏବଂ ଦୁଗ୍ଧ ଉତ୍ପାଦନ କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ମୌସୁମୀ ବୈଠକ ଅନୁଷ୍ଠିତ ହୋଇଛି। କେନ୍ଦ୍ର ମତ୍ସ୍ୟଚାଷ, ପ୍ରାଣୀ ସମ୍ପଦ, ଦୁଗ୍ଧ ଉତ୍ପାଦନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂ ଏଥିରେ ଅଧ୍ୟକ୍ଷତା କରି କହିଛନ୍ତି, ଓଡ଼ିଶାର ବିକାଶ ଦିଗରେ ରାଜ୍ୟ ସରକାର ଯେଭଳି ଦ୍ରୁତଗତିରେ କାର୍ଯ୍ୟ କରୁଛନ୍ତି, ସେଥିରେ କେନ୍ଦ୍ର ସରକାର ସବୁ ସମୟରେ ସହଯୋଗ କରିବା ପାଇଁ ପ୍ରସ୍ତୁତ ଅଛନ୍ତି ।

୧୫ଟି ରାଜ୍ୟର ପ୍ରତିନିଧି ଏବଂ ବିଭିନ୍ନ ବିଭାଗର ମନ୍ତ୍ରୀମାନେ ଯୋଗଦେଇଥିବା ଏହି ବୈଠକକୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି , ଓଡ଼ିଶାର ଯାହା ବି ସମସ୍ୟା ଆସିବ, ତାହା ପଶୁପାଳନ ସହ ସଂପର୍କିତ ହେଉ କିମ୍ବା ମତ୍ସ୍ୟପାଳନ ସହ ହେଉ, ସମସ୍ତେ ତାହାର ସମାଧାନ ଦିଗରେ ନିଶ୍ଚିତ ଭାବେ ଆଗେଇ ଆସିବେ।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆତିଥେୟତା ପାଇଁ ଧନ୍ୟବାଦ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି କେବଳ ଆତିଥେୟତା ନୁହେଁ ବରଂ ରାଜ୍ୟରେ ପ୍ରାଣୀସମ୍ପଦ ଏବଂ ଦୁଗ୍ଧ ଉତ୍ପାଦନ କ୍ଷେତ୍ରର ବିକାଶ ଲାଗି କେନ୍ଦ୍ର ସରକାରଙ୍କ ସମେତ ସମସ୍ତ ପ୍ରତିନିଧିଙ୍କ ସହ ଯେଉଁ ଆଲୋଚନା କରିଛନ୍ତି, ତାହା ନିଶ୍ଚୟ ଫଳପ୍ରଦ

ହେବ ବୋଲି ସେ କହିଛନ୍ତି ।  ଆଜିର ଏହି ବୈଠକରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ଜଣାପଡ଼ିଛି ।

## ଜାମ୍ମୁ-କାଶ୍ମୀର ଇଲେକ୍ସନ

ହରିୟାଣା ବିଧାନସଭା ଏବଂ ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନର ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିମନ୍ତେ ଆଜି  ନାମାଙ୍କନପତ୍ର ଗୁଡ଼ିକର ଯାଞ୍ଚ କରାଯାଉଛି। ଆସନ୍ତା ୧୬ ତାରିଖ ଦିନ ହରିୟାଣା ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷଦିନ ଧାର୍ଯ୍ୟ କରାଯାଇଥିବାବେଳେ ଜାମ୍ମୁ କାଶ୍ମୀର ବିଧାନସଭା ଆସନର ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତା ୧୭ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯାଇପାରିବ।  ଏହି ଦୁଇ ରାଜ୍ୟର ବିଧାନସଭା ନିର୍ବାଚନ  ନିମନ୍ତେ ଗତକାଲି ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟାର ଶେଷ ଦିନ ଥିଲା ।  ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭା ପାଇଁ ଆସନ୍ତା ଅକ୍ଟୋବର ମାସ ୫ ତାରିଖରେ ଭୋଟ୍‌ଗ୍ରହଣ କରାଯିବ। ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ୪୦ଟି ବିଧାନସଭା ଆସନ ପାଇଁ  ଅକ୍ଟୋବର ମାସ ପହିଲାରେ ମତଗ୍ରହଣ କରାଯିବ। ଜାମ୍ମୁକାଶ୍ମୀରରେ  ପ୍ରଥମ ପର୍ଯ୍ୟାୟ ମତଦାନ ଆସନ୍ତା ୧୮ ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ୨୫ ତାରିଖରେ ଅନୁଷ୍ଠିତ ହେବ।

## ଏଫ୍‌ଏସଏସ୍‌ଏଆଇ

ପର୍ବପର୍ବାଣି ସମୟରେ ମିଠା ଏବଂ ଦୁଗ୍ଧଜାତ ସାମଗ୍ରୀଗୁଡ଼ିକରେ ଯେଭଳି ଅପମିଶ୍ରଣ ନ ହେବ, ସେ ନେଇ ଦୁଗ୍ଧଜାତ ଉତ୍ପାଦ ପ୍ରସ୍ତୁତକାରୀ ଏବଂ

ବିକ୍ରେତାଙ୍କ ଉପରେ କଡ଼ା ନଜର ରଖିବାକୁ ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛି । ଏହି ନିର୍ଦ୍ଦେଶନାମାରେ କୁହାଯାଇଛି, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ବିଭିନ୍ନ ସମୟରେ ଏବଂ ଅଚାନକ ଯାଞ୍ଚ କାର୍ଯ୍ୟ ତ୍ୱରାନ୍ୱିତ କରିବା ଆବଶ୍ୟକ । ପ୍ରାଧିକରଣ କହିଛି ଖାଦ୍ୟ ସୁରକ୍ଷା ମାନ ଯାଞ୍ଚ କରିବା ଲାଗି ଖାଦ୍ୟ ନିରାପତ୍ତା ଭ୍ୟାନ୍ ଦ୍ୱାରା ବିଭିନ୍ନ ସାର୍ବଜନିକ ସ୍ଥାନଗୁଡ଼ିକରେ ସଚେତନତା ସୃଷ୍ଟି କରାଯିବା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ ।

## ଡବ୍ଲୁବି-ଇଡି ସର୍ଚ୍ଚେସ୍

ଖାଦ୍ୟ ଯୋଗାଣ ଓ ବଣ୍ଟନ ବ୍ୟବସ୍ଥାରେ ହୋଇଥିବା ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଆଜି ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି । ପଶ୍ଚିମବଙ୍ଗର ପଶ୍ଚିମ ମେଦିନୀପୁର, ଦକ୍ଷିଣ ଚବିଶପ୍ରଗଣା, ଉତ୍ତର ଚବିଶପ୍ରଗଣା, ନଦୀୟା ଏବଂ କୋଲକାତା ସମେତ ଅନେକ ସ୍ଥାନରେ ଇ.ଡି.ର ବିଭିନ୍ନ ଟିମ୍ ଦ୍ୱାରା ଏହି ଚଢ଼ାଉ କାର୍ଯ୍ୟ ଜାରି ରହିଛି । ବିଭିନ୍ନ ଗୋଦାମ, ସାଧାରଣ ବଣ୍ଟନ ଷ୍ଟୋର୍ ଏବଂ ରାସନ ଡିଲରମାନଙ୍କ ଘର ଉପରେ ମଧ୍ୟ ଚଢ଼ାଉ କରାଯାଉଛି ।

## ଜେକେ-ଆରେଷ୍ଟ

କେନ୍ଦ୍ରଶାସିତ ଅଞ୍ଚଳ ଜାମ୍ମୁ କାଶ୍ମୀରରେ ଆତଙ୍କବାଦୀ ସଂଗଠନ ଜାମ୍ମୁ କାଶ୍ମୀର ଗଜନବୀ ଫୋର୍ସ ସହ ସଂପର୍କିତ ଜଣେ ଆତଙ୍କବାଦୀକୁ ଗତକାଲି ସନ୍ଧ୍ୟାରେ ପୁଞ୍ଚ୍ ଜିଲ୍ଲାରୁ ଗିରଫ କରାଯାଇଛି । ସୁରନ୍‌କୋଟ୍ ଠାରେ ତଲାସୀ ଅଭିଯାନ ସମୟରେ ସଂପୃକ୍ତ ଆତଙ୍କବାଦୀଠାରୁ ୩ଟି ଗ୍ରେନେଡ୍ ଓ

ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିବା ସୂଚନା ମିଳିଛି । ପ୍ରାଥମିକ ଭାବେ ସଂପୃକ୍ତ ଆତଙ୍କବାଦୀ ଜଣଙ୍କ ମହମ୍ମଦ ସବୀର୍ ବୋଲି ଜଣାପଡ଼ିଛି । ସେ ଦରିୟାଲା ନୌସେରା ଅଞ୍ଚଳର ବୋଲି ପୋଲିସ୍ ସୂଚନା ଦେଇଛି । ଏହି ଘଟଣାରେ ତଦନ୍ତ ଜାରି ରହିଛି ।

ସୂଚନାମୁତାବକ ସେହି ଆତଙ୍କବାଦୀ ପାକ୍ ଅଧିକୃତ କାଶ୍ମୀରର ସନ୍ଦିଗ୍ଧମାନଙ୍କ ସହ ସଂପର୍କରେ ରହିଥିବା ଜଣାପଡ଼ିଛି ।